## ୧୨ ଫୁଟର ଅଜଗର ଉଦ୍ଧାର



ଢେଙ୍କାନାଳ ଅଫିସ: ଢେଙ୍କାନାଳ ସହର କାଠଗଡ଼ା ଅଞ୍ଚଳରୁ ରବିବାର ଅପରାହ୍ନରେ ୧୨ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପଟି ପର୍ଶୁରାମ ମହାପାତ୍ରଙ୍କ ବାଡ଼ିରେ ଥିଲା। ସୂଚନାପାଇ ବନ୍ୟକ ଫାଉଣ୍ଡେଶନର ସଦସ୍ୟ ପପୁନ ଦାସ ସହଯୋଗୀଙ୍କ ସହ ପହଞ୍ଚି ଏହାକୁ ଉଦ୍ଧାର କରିଥିଲେ। ବନ ବିଭାଗକୁ ଅବଗତ କରାଇବା ପରେ ଅଜଗରକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

# ଜଗା ପାଇଁ ଉଚ୍ଛନ୍ନ ଜନମନ

ଅନୁଗୋଳ ଅଫିସ, ୧୩।୧୨



ଆସନ୍ତା ୨୩ ତାରିଖରେ ଭକ୍ତଙ୍କ ପାଇଁ ବଡ଼ଦେଉଳ ଦ୍ୱାର ଖୋଲିବାକୁ ଛତିଶାନିଯୋଗ ବୈଠକରେ ଆଲୋଚନା

- ଶ୍ରୀମନ୍ଦିର ଖୋଲିବା ଆଲୋଚନା ପରେ ଭକ୍ତ ଭାବବିହ୍ୱଳ
- ବଡ଼ଦେଉଳ ସହ ସବୁ ଦେବାଳୟ ଦ୍ୱାର ଖୋଲାଯାଉ
- ସରକାର ସବୁଜ ସଂକେତ ଦେବାକୁ ଅନୁଗୋଳବାସୀଙ୍କ ଦାବି

ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ କହିବା ପରେ ଆଉ ସମ୍ଭାଳି ହେଉନି ଶ୍ରଦ୍ଧାଳୁଙ୍କ ମନ। ଦୀର୍ଘ ୯ ମାସ ହେଲା ଜଗା ଦର୍ଶନରୁ ବଞ୍ଚିତ ଭକ୍ତମାନେ ଭାବବିହ୍ୱଳ ହୋଇ ପଡ଼ିଲେଣି। କେତେବେଳେ ସେହି ଅପୂର୍ବ ସୁଯୋଗ ପ୍ରାପ୍ତି ହେବ, ତାହାକୁ ନେଇ ଜନମନ ଏକପ୍ରକାର ଉଚ୍ଛନ୍ନ। ପୁରୀ ସିଂହଦ୍ୱାର ସହ ରାଜ୍ୟର ସମସ୍ତ ଦେବାଳୟ ଖୋଲିବାକୁ ଏକସ୍ୱରରେ ଦାବି ଉଠୁଥିବା ବେଳେ ଏ କ୍ଷେତ୍ରରେ ପଛରେ ପଡ଼ିନାହାନ୍ତି ଅନୁଗୋଳବାସୀ। ସହରରେ ଥିବା ଶୈଳଶ୍ରୀକ୍ଷେତ୍ର, ବୁଢ଼ୀ ଠାକୁରାଣୀ, ତାଳଚେରର ମା' ହିଙ୍ଗୁଳା, ବଅଁରପାଳର ପଞ୍ଚଶ୍ରୀକ୍ଷେତ୍ର, ତଳମୂଳ ଦୁର୍ଗା ମନ୍ଦିର, ନାଲ୍‌କୋର ଜଗନ୍ନାଥ ମନ୍ଦିର, ତାରିଣୀ ମନ୍ଦିର, ଆଠମଲ୍ଲିକର ବିନିକେୟୀ, ଦେଉଳଝରୀ, ଛେଣ୍ଡିପଦାର ବାୟାଣୀ ପୀଠ, କୋଶଳାର ରାମଚଣ୍ଡୀ, ପାଲଲହଡ଼ା ଖୁଲୁଡ଼ିସ୍ଥିତ ଗିରିଶ୍ୱର, କଣିହାଁର ବଜ୍ରକୋଟ ଶୈବପୀଠ, ଭୈରବୀପୀଠ ଆଦି ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ମୁକ୍ତ କରିବାକୁ ଜିଲାବାସୀ ଦାବି କରିଛନ୍ତି। କୋଭିଡ୍ କଟକଣାକୁ ଦୀର୍ଘ ୯ ମାସ ହେଲା ସମସ୍ତେ ସମ୍ମାନ ଦେଇ ଆସୁଥିବାରୁ ସରକାର ଏ ନେଇ ସବୁଜ ସଂକେତ ଦେବାରେ ଆଉ ବିଳମ୍ବ କରନ୍ତୁ ନାହିଁ। ଆଗକୁ ବଡ଼ଦିନ ଓ ନୂଆବର୍ଷ ଆସୁଥିବାରୁ ମନ୍ଦିର କମିଟି ସହ ଜିଲା ପ୍ରଶାସନ ଓ ପୋଲିସ ଆଲୋଚନା କରି ଧାଡ଼ିରେ ଶୃଙ୍ଖଳିତ ଭାବେ ଦର୍ଶନ ବ୍ୟବସ୍ଥା କରାଯିବାକୁ ଜିଲାବାସୀ ମତ ଦେଇଛନ୍ତି।

### ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା



"ମନ୍ଦିର ଖୋଲିବା ନେଇ ସରକାରଙ୍କ ନିଷ୍ପତ୍ତିକୁ ସମସ୍ତେ ଚାହିଁ ରହିଛନ୍ତି। ଦୀର୍ଘଦିନ ପରେ ଭକ୍ତ ଦିଅଁ ଦର୍ଶନ କରିବାର ସୁଯୋଗ ପାଇପାରିବ ତାହା ଖୁସିର କଥା। ଶ୍ରୀମନ୍ଦିର ଦିଗ୍‌ଦର୍ଶନରେ ଶୈଳଶ୍ରୀକ୍ଷେତ୍ରରେ ନୀତିକାନ୍ତି ହୋଇଥାଏ। ତେଣୁ ବଡ଼ଦେଉଳ ସହ ଶୈଳଶ୍ରୀକ୍ଷେତ୍ର ଦ୍ୱାର ଖୋଲିବାକୁ ଅନୁମତି ମିଳିଲେ ଭକ୍ତଙ୍କ ଦର୍ଶନ ନେଇ ସବୁପ୍ରକାର ବ୍ୟବସ୍ଥା କରାଯିବ।

-ହେମନ୍ତ ଦାଶ, ସାଧାରଣ ସମ୍ପାଦକ, ଶୈଳଶ୍ରୀକ୍ଷେତ୍ର ପରିଚାଳନା କମିଟି

### ଦର୍ଶନ ବିନା ଅନ୍ଧ ଭଳି ଲାଗୁଛି



"୯ ମାସ ହେଲା ଜଗା ଦର୍ଶନରେ କରୋନା କଣ୍ଟା ସାଜିଛି। ଆଖି ଥାଇ ବି ଫୁଟିଗଲା ଭଳି ଲାଗୁଛି। କେତେ ଓଷାବାର ଗଲାଣି ତଥାପି ବଡ଼ଦେଉଳରେ ବଡ଼ଦିଅଁଙ୍କୁ ଦର୍ଶନ କରିପାରିନି। ଏବେ ସବୁଠି ସରକାରୀ ନିୟମ କୋହଳ ହେଲାଣି। ତେଣୁ ଶୀଘ୍ର ସିଂହଦ୍ୱାର ସହ ଶୈଳଶ୍ରୀକ୍ଷେତ୍ର ଓ ଅନ୍ୟ ଦେବଦେବୀ ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦିଆଗଲେ ଭଲ ହେବ।

-ହେମଲତା ଦଳବେହେରା, ଅନୁଗୋଳ

### ଅନୁମତି ମିଳିଲେ ପୁରୀ ଯିବି



"୨୩ ତାରିଖରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଅନୁମତି ମିଳିଲେ ନିଶ୍ଚିତ ପୁରୀ ଯିବି। ତେବେ ସରକାର ଯଦି ପ୍ରଥମେ ସ୍ଥାନୀୟ ବାସିନ୍ଦାଙ୍କୁ ଦର୍ଶନ ସୁଯୋଗ ଦେବେ, ତା'ହେଲେ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ। ସେହି ଦୁର୍ଲଭ ଦର୍ଶନ କଥା ଭାବିଲା ବେଳକୁ ମନ କେଉଁଠାରେ ଲାଗୁନାହିଁ। ସରକାର ଶୀଘ୍ର ସେହି ସୁଯୋଗ ଶ୍ରଦ୍ଧାଳୁଙ୍କୁ ଦିଅନ୍ତୁ।

-ଜୟଶ୍ରୀ ମିଶ୍ର, ଅନୁଗୋଳ

### ଜୀବିକାକୁ ମାରି ଦିଆ ନ ଯାଉ



"ମନ୍ଦିର ଖୋଲିବା ନେଇ ଏଯାଏ ପ୍ରଶାସନ ସେବାୟତମାନଙ୍କ ସହ ଆଲୋଚନା କରିନାହିଁ। ତେବେ ଶ୍ରୀମନ୍ଦିର ଖୋଲାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଥିବାରୁ ଏ ଦିଗରେ ଆଶା ସୃଷ୍ଟି ହୋଇଛି। ଦୀର୍ଘଦିନ ଧରି ଦେବାଳୟ ବନ୍ଦ ଯୋଗୁ ସେବାୟତମାନଙ୍କ ଜୀବିକା ଉପରେ ପ୍ରଭାବ ପଡ଼ିଛି। ତେଣୁ ଆଉ ଅଧିକ ଦିନ ଭକ୍ତଙ୍କୁ ବାରଣ କରି ଆମ ଜୀବିକା ମାରି ଦିଆ ନ ଯାଉ।

-ସଞ୍ଜୟ କୁମାର ଦେହୁରୀ, ସେବାୟତ କମିଟି ସମ୍ପାଦକ, ଦେଉଳଝରୀ

### ଆଉ ଅପେକ୍ଷା ପାଇଁ ଧୈର୍ଯ୍ୟ ନାହିଁ



"ସରକାର କୋଭିଡ୍ ନିୟମରେ ବହୁ କୋହଳ କଲେଣି। ଖୋଲା ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମଠାରୁ ରାଜନୈତିକ ସଭା ସମିତି ଯାଏ ଅନୁମତି ଦେଲେଣି। କିନ୍ତୁ ଭକ୍ତଙ୍କ କଥା ଉଠିଲେ ସଂକ୍ରମଣ ଭୟ ଦେଖାଉଛନ୍ତି। ତେଣୁ ଭଗବାନ୍‌ଙ୍କଠାରୁ ଭକ୍ତଙ୍କୁ ଆଉ ଦୂରେଇ ରଖା ନ ଯାଉ। ଆମ ପାଖରେ ଅଧିକ ଧୈର୍ଯ୍ୟ ମଧ ନାହିଁ। ଶ୍ରୀମନ୍ଦିର ସହ ଅନୁଗୋଳ ଜିଲାରେ ଥିବା ମନ୍ଦିରଗୁଡ଼ିକ ଖୋଲି ଦିଆଯାଉ।

-ଗୀତା ବିଶ୍ୱାଳ, ଅନୁଗୋଳ

### ନିର୍ଦ୍ଦେଶ ଆସିଲେ ଆଲୋଚନା



"ଅନୁଗୋଳ ଜିଲାରେ ଥିବା ମନ୍ଦିରଗୁଡ଼ିକ ଖୋଲିବା ନେଇ ସରକାରଙ୍କ ନିକଟରୁ କୌଣସି ନିର୍ଦ୍ଦେଶ କି ଏସ୍‌ଓପି ଆସିନାହିଁ। ଶ୍ରୀମନ୍ଦିର ଖୋଲିବା ସମ୍ପର୍କରେ ବୈଠକର ନିଷ୍ପତ୍ତି ସରକାରଙ୍କ ଉପରେ ଛଡ଼ାଯାଇଛି। ଅନୁମତି ଦେବା ପରେ ଜିଲାରେ କୋଭିଡ୍ କଟକଣା ମଧରେ ମନ୍ଦିର ଖୋଲିବା ନେଇ ନିଷ୍ପତ୍ତି ନିଆଯିବା ସହ ପ୍ରତିଷ୍ଠିତ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରାଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

## ସଂକ୍ଷେପରେ

### କୂଅରୁ ମିଳିଲା ମୃତଦେହ

ଛେଣ୍ଡିପଦା,୧୩।୧୨(ସ୍ୱ.ପ୍ର.): ଛେଣ୍ଡିପଦା ଥାନା ବାଲିପଟା ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ରବିବାର ତୁକୁଡା ଜଙ୍ଗଲ ଜାମୁଣ୍ଡା ଗ୍ରାମର ମନ୍ତ ବେହେରା(୩୦)ଙ୍କ ମୃତଦେହ ପୋଲିସ ଜବତ କରିଛି। ମନ୍ତ ଶୁକ୍ରବାର ଚନ୍ଦ୍ରପୁର ଗ୍ରାମର ଭିଣୋଇ ନାଥ ପଧାନଙ୍କ ଘରକୁ ଭଣଜା ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିଲେ। ବିବାହ ସରିବା ପରେ ସେହି ଗ୍ରାମରେ ଥିବା ଶଶୁର ଘରକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ୭ଟା ବେଳେ ଏକ ସାଇକେଲରେ ଭିଣୋଇ ଘରକୁ ବାହାରିଥିଲେ ହେଁ ପରେ ତାଙ୍କ ଖୋଜଖବର ମିଳି ନ ଥିଲା। ମଧ୍ୟାହ୍ନରେ କେତେଜଣ ମହିଳା ପାଣି ପାଇଁ ଗଲାବେଳେ କୂଅ ଭିତରେ ମୃତଦେହ ଭାସୁଥିବା ଦେଖି ଗ୍ରାମରେ କହିଥିଲେ। ଖବରପାଇ ଶଶୁର ପ୍ରମୋଦ ମାଝି ଜ୍ୱାଇଁଙ୍କୁ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି।

### ମୃତଦେହ ଜବତ, ୪ ଅଟକ

ପାଲଲହଡା,୧୩।୧୨(ଡି.ଏନ.ଏ.): ପାଲଲହଡ଼ା ଥାନା ନଗିରା ପଞ୍ଚାୟତ ସନ୍ଧାର ଗ୍ରାମରୁ ଦୁଇଦିନ ତଳେ ନିଖୋଜ ଥିବା ଶିରା ମୁଣ୍ଡାରୀ (୪୫)ଙ୍କ ମୃତଦେହ ନିକଟସ୍ଥ ଜଙ୍ଗଲରୁ ପୋଲିସ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରି ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୪୬/୨୦ରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଶିରା କୌଣସି କାମରେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ରବିବାର ଗ୍ରାମବାସୀ ଏବଂ ପରିବାର ଲୋକେ ଜଙ୍ଗଲରେ ଶିରାଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ଥାନା ଅଧିକାରୀ କିଶୋର କୁମାର ସାମଲ, ଏସ୍ଆଇ ଆଶିଷ କୁମାର ଦାସ ପହଞ୍ଚି ତଦନ୍ତ କରି ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲେ। ଗୁଣିଗାରେଡ଼ି କିମ୍ବା ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

### ଧାନଗଦା ଜାଳିଦେଲେ

ବଇଣ୍ଡା,୧୩।୧୨(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ରଘୁନାଥପୁର ଗ୍ରାମରେ ଶନିବାର ଭାଗୀରଥି ସାହୁଙ୍କ ଧାନଗଦାରେ ଅମରେନ୍ଦ୍ର ସାହୁ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୫୮/୨୦ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ଭାଗୀରଥି ଖଳାରେ ଧାନ ରଖିଥିବା ବେଳେ ପୂର୍ବ ଶତ୍ରୁତାରୁ ଅମରେନ୍ଦ୍ର ସେଥିରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ବହୁ କ୍ଷୟକ୍ଷତି ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

### ସମସ୍ତ ପ୍ରାର୍ଥୀ ବିଜୟୀ





ଛେଣ୍ଡିପଦା,୧୩।୧୨(ସ୍ୱ.ପ୍ର.): ଛେଣ୍ଡିପଦା ଆଡ୍‌ଭୋକେଟ୍ ଆସୋସିଏଶନ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିବା ବେଳେ ନିର୍ବାଚନ ଅଧିକାରୀ ତଥା ଓକିଲ ଲକ୍ଷ୍ମୀଧର ପ୍ରଧାନ ଏହାକୁ ପରିଚାଳନା କରିଥିଲେ। ସଭାପତି ଭାବେ ପଦ୍ମ ଚରଣ ମାଝି, ଉପସଭାପତି ନକୁଳ ମାଝି, ପ୍ରଦୀପ କୁମାର ସାହୁ ସାଧାରଣ ସମ୍ପାଦକ, ଚିତ୍ତରଞ୍ଜନ ସାହୁ ସହ-ସମ୍ପାଦକ, ଶରତ ଚନ୍ଦ୍ର ପ୍ରଧାନ ସାଂସ୍କୃତିକ ସମ୍ପାଦକ, ନିକୁଞ୍ଜ କିଶୋର ପ୍ରଧାନ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ୩୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୩।୧୨: ଅନୁଗୋଳ ଜିଲାରେ ରବିବାର ୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୩୩୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧରେ ବଅଁରପାଳ ବ୍ଲକରୁ ସର୍ବାଧିକ ୧୧ ଜଣ, ଛେଣ୍ଡିପଦାରୁ ୯, ତାଳଚେରରୁ ୬, ଅନୁଗୋଳରୁ ୭, କଣିହାଁ ଓ ପାଲଲହଡ଼ାରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨୯ ଜଣ ସୁସ୍ଥ ହୋଇଛନ୍ତି।

## ୧୫ଜଣଙ୍କୁ ରିୟଲ ଫାଇଟର ସମ୍ମାନ



ତୃପ୍ତି ପାଠାଗାର ପକ୍ଷରୁ କମ୍ବଳ ବଣ୍ଟନ କରାଯାଉଛି।

ଭୁବନ, ୧୩।୧୨(ଡି.ଏନ.ଏ.)

ଭୁବନସ୍ଥିତ ବାଜି ରାଉତ ସ୍ମୃତି ବିଦ୍ୟାଳୟ ପରିସରରେ ଉତ୍କଳ ଛାତ୍ର ସଂଘ ପକ୍ଷରୁ 'ରିୟଲ ଫାଇଟର-୨୦୨୦' ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଏବଂ ସେବା ଯୋଗାଉଥିବା ୧୫ଜଣ ଖବରଦାତା, ପୋଲିସ, ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା।

ଛାତ୍ର ସଂଘ ସଭାପତି କ୍ଷମାସାରଥି ଦାଶଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ବାବୁଲି ସେଠୀ, ଏସ୍ଆଇ ଲକ୍ଷ୍ମୀଧର ରଣା, ଶିକ୍ଷାବିତ୍ ଲଳିତ ବେହେରା, କ୍ଷୀରୋଦ ମିଶ୍ର, ଡାକ୍ତର ସତ୍ୟବାନ ମହାଲିକ, ପଙ୍କଜ ନାୟକ, ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ସାହୁ, ସୁଶାନ୍ତ ପୋଥାଳ, ପ୍ରେମାନନ୍ଦ ମହାନ୍ତି, ଅବିନାଶ ସାଥୁଆ ମହାପାତ୍ର, ମଳୟ ତ୍ରିପାଠୀ, ଅକ୍ଷୟ ପାତ୍ର, ବିଜୟ ନାୟକ, ବିଶ୍ୱଜିତ୍ ସାହୁ, ପପୁ ସାହୁ, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ହୋଇଥିଲେ। ଏହି ଅବସରରେ ତୃପ୍ତି ପାଠାଗାର ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା।

## ଜମିବାଡ଼ି ବିବାଦରୁ ମାରପିଟ୍

କଣିହାଁ,୧୩।୧୨(ଡି.ଏନ.ଏ.)

କଣିହାଁ ପୋଲିସ ଜମିବାଡ଼ି ବିବାଦକୁ ନେଇ ମାରପିଟ୍ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ଏସ୍ଆଇ ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି, ଡେରେଙ୍ଗ ଗ୍ରାମର ରଘୁନାଥ ସାହୁ ଓ ଜୟକୃଷ୍ଣ ସାହୁଙ୍କ ମଧରେ ଜମିବାଡ଼ିକୁ ନେଇ ଝଗଡ଼ା ହୋଇଥିଲା। ଉତ୍‌କ୍ଷିପ୍ତ ହୋଇ ଜୟକୃଷ୍ଣ ଓ ତାଙ୍କ ପୁଅ ରାକେଶ ଏକ ଦାଆରେ ରଘୁନାଥଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୨୫୬/୨୦ରେ ମାମଲା ରୁଜୁ କରି ଜୟକୃଷ୍ଣ ଓ ରାକେଶଙ୍କୁ ଗିରଫ କରିଥିଲା। ସେହିପରି ରଘୁନାଥ ମାଡ଼ ମାରିଥିବା ଜୟକୃଷ୍ଣ ଅଭିଯୋଗ କରିବାରୁ ପୋଲିସ ନଂ. ୨୫୭/୨୦ରେ ମାମଲା ରୁଜୁ କରିଥିଲା। ତେବେ ରଘୁନାଥଙ୍କ ପୁଅ ଧରମା ସାହୁ ଜୟକୃଷ୍ଣ ଓ ତାଙ୍କ ଆଉ ଏକ ପୁଅ ବିକାଶ ସାହୁଙ୍କୁ ମାଡ଼ ମାରିଥିବା ଅଭିଯୋଗ ହେବାରୁ ନଂ. ୨୫୮/୨୦ରେ ମାମଲା ରୁଜୁ କରି ପୋଲିସ ରଘୁନାଥ ଓ ଧରମାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ରାମିଆଳ ବ୍ରିଜ୍‌କୁ ସବୁଜ ସଙ୍କେତ

ଢେଙ୍କାନାଳ ଅଫିସ, ୧୩।୧୨

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଯମୁନାକୋଟ-ମାର୍ଥାପୁର ମଧରେ ପ୍ରବାହିତ ରାମିଆଳ ନଦୀ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ବ୍ରିଜ୍ ନିର୍ମାଣ ହେବ। ଏଥିଲାଗି ନାବାର୍ଡ ସବୁଜ ସଙ୍କେତ ଦେଇଛି। ଏହି ବ୍ରିଜ୍ କାମାକ୍ଷାନଗର-ଭୁବନ ମଧ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥକୁ ସଂଯୋଗ କରିବ। ୧୨୦ ମିଟର ଲମ୍ବ ଏବଂ ୧୧ ମିଟର ଓସାର ବିଶିଷ୍ଟ ଏହି ବ୍ରିଜ୍ ନିର୍ମାଣ ଲାଗି ୧୧ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ନାବାର୍ଡର ଅନୁମୋଦନ ପରେ ଏହାର ବ୍ୟୟ ଅଟକଳ ପ୍ରଶାସନିକ ଅନୁମତିକୁ ଅପେକ୍ଷା କରିଛି। ପୂର୍ତ୍ତ ବିଭାଗ ପକ୍ଷରୁ ବ୍ୟୟ ଅଟକଳ ପଠାଯିବା ପରେ ଏହା ଅନୁମୋଦନ ଲାଭ କରିବ। ତେବେ ଖୁବ୍‌ଶୀଘ୍ର ଏହା ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି। ଏହି ବ୍ରିଜ୍ ନିର୍ମାଣ ହେଲେ ଢେଙ୍କାନାଳ-କାମାକ୍ଷାନଗର



ଅଧିକାରୀମାନେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରୁଛନ୍ତି।

- ଯମୁନାକୋଟରୁ ମାର୍ଥାପୁର ଦେଇ ଏନ୍‌ଏଚ୍ ୫୩କୁ ଯୋଡ଼ିବ
- ୧୨୦ ମିଟର ଲମ୍ବ ସେତୁ ନିର୍ମାଣରେ ଖର୍ଚ୍ଚ ହେବ ୧୧ କୋଟି

ରାସ୍ତାର ପଣ୍ଡୁଆ ଛକରୁ ଜିରାଳ, ମାର୍ଥାପୁର, ଯମୁନାକୋଟ ଦେଇ ଭୁବନ ଅଞ୍ଚଳକୁ ଯାତାୟାତ ସୁଗମ ହେବ।

ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ କୁହନ୍ତି, ବ୍ରିଜ୍ ନିର୍ମାଣ ସ୍ଥଳ ପରିଦର୍ଶନ କରାଯାଇଛି। ପ୍ରଶାସନିକ ଅନୁମୋଦନ ଲାଭ କରିବା ପରେ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। କାର୍ଯ୍ୟ ଶୁଭାରମ୍ଭର ଦେଢ଼ ବର୍ଷ ମଧରେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

# ବୁନ୍ଦା ପାଣିରେ ବଗିଚା

ଭୁବନ, ୧୩।୧୨(ଡି.ଏନ.ଏ.)

କୁଙ୍କୁମଠାରୁ କର୍ପୂର। ହେନାଠୁ ହରିଡ଼ା। ସେଓ, ନାସପାତି, ବେଲ ଭଳି ଜାତିଜାତିକା ଫଳଗଛ। ତା' ସାଙ୍ଗକୁ ଜାଇଫଳ, ଲବଙ୍ଗ, ହେଙ୍ଗୁ ଭଳି ମସଲାଜାତୀୟ ଗଛ। ପରିତ୍ୟକ୍ତ ସାଲାଇନ ବୋତଲ, ଇଲେକ୍ଟ୍ରି ପାଇପ୍‌ରେ ହୋଇଛି ବୁନ୍ଦା ଜଳସେଚନ ବ୍ୟବସ୍ଥା। ଦେଢ଼ ଏକର ପରିମିତ ଜମିରେ

- ଯୁବପିଢ଼ିଙ୍କ ପ୍ରେରଣା ଜୟଗୁରୁ ପାତ୍ର
- ସାଲାଇନ୍ ପାଇପ୍‌ରେ ଜଳସେଚନ
- ଲାଗିଛି ୬୦ ପ୍ରଜାତିର ଔଷଧୀୟ ଗଛ

ହୋଇଥିବା ଏହି ଔଷଧୀୟ ବଗିଚା ଭୁବନ ଅଞ୍ଚଳର ଜୟଗୁରୁ ପାତ୍ରଙ୍କୁ ଦେଇଛି ପରିଚୟ। ଉଚ୍ଚଶିକ୍ଷିତ ହେବା ପରେ ସାଧାରଣତଃ ଜଣେ ମୋଟାଅଙ୍କର ଚାକିରି ପଛରେ ଧାଉଁଥିବାବେଳେ ଏହି ଦୌଡ଼ରୁ ବାହାରି ଭିନ୍ନ କରି ଦେଖାଇଛନ୍ତି ଜୟଗୁରୁ। ଏଭଳି ଉଦ୍ୟମ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଥିବାବେଳେ ତାଙ୍କ ହାତ ତିଆରି ଔଷଧୀୟ ବଗିଚା ଏବେ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ।

ଭୁବନ ଏନ୍‌ଏସି ଅନ୍ତର୍ଗତ ଲତାବିଲ ନିକଟ ଟୋଲକବେରେଣୀରେ ରହିଛି ନିଗମାନନ୍ଦ ଔଷଧୀୟ ବଗିଚା। ଏହାର ଶୋଭା ବଢ଼ାଉଛି ରକ୍ତଚନ୍ଦନ, ଚନ୍ଦନ, ଖଇର, ଜାଇଫଳ, ହେଙ୍ଗୁ, ଲବଙ୍ଗ, ହରିଡ଼ା, ସେଓ, ନାସପାତି, କାଇଁଚ, ଚନ୍ଦନ ସମେତ ବିଭିନ୍ନ ଔଷଧୀୟ ଗଛ। ଏହା ପଛରେ ରହିଛି ଯୁବ ବ୍ୟବସାୟୀ ତଥା ସାମାଜିକ କର୍ମୀ ଜୟଗୁରୁଙ୍କ ନିଷ୍ଠାପର ଉଦ୍ୟମ। ଜୟଗୁରୁଙ୍କ ଏକ ଇଲେକ୍ଟ୍ରୋନିକ୍ ଦୋକାନ ଅଛି। ହେଲେ ଲକ୍‌ଡାଉନ୍ ସମୟରେ ଦୋକାନ ବନ୍ଦ ହୋଇଯିବା ଏବଂ କଟକଣା ଲାଗୁ ହେବା ପରେ ତାଙ୍କ ହାତରେ ଥିଲା ପର୍ଯ୍ୟାପ୍ତ ସମୟ। ସ୍ଥାନୀୟ ନିଗମାନନ୍ଦ ଆଶ୍ରମର ପରିତ୍ୟକ୍ତ ଜମିରେ ଔଷଧୀୟ ବଗିଚା କରିବାକୁ ମନ ବଳାଇଥିଲେ ସେ। ଏଥିଲାଗି ବିଭିନ୍ନ ସ୍ଥାନରୁ ସଂଗ୍ରହ କରିଥିଲେ ଗଛ। ପାଣି ଖର୍ଚ୍ଚ କମାଇବାକୁ ଇଲେକ୍ଟ୍ରିକାଲ ୱାୟାରିଂ ପାଇପ୍ ଏବଂ ସାଲାଇନ୍ ବୋତଲ ସହାୟତାରେ ବୁନ୍ଦା ଜଳସେଚନ ବ୍ୟବସ୍ଥା କରିଥିଲେ। ସାମାନ୍ୟ ଯତ୍ନରେ ଏବେ ବଗିଚା ହସିଉଠିଛି। ସୂଚନା ପାଇବା ପରେ ଜିଲା କୃଷି ବିଭାଗ, ଉଦ୍ୟାନ ବିଭାଗ ଏବଂ ଜଙ୍ଗଲ ବିଭାଗର ବୈଜ୍ଞାନିକମାନେ ନିଗମାନନ୍ଦ ଔଷଧୀୟ ବଗିଚା ପରିଦର୍ଶନ କରି ଜୟଗୁରୁଙ୍କ ମାର୍ଗଦର୍ଶନ କରିଛନ୍ତି। ଜିଲାରେ ପ୍ରଥମ କରି ବୁନ୍ଦା ଜଳସେଚନର ସଫଳ ପ୍ରୟୋଗ କରାଯାଇଥିବାରୁ ଉଚ୍ଚପ୍ରଶଂସା କରିଥିଲେ। ମନୁଷ୍ୟକୃତ କାରଣରୁ ଜୈବ ବିବିଧତା ଉପରେ ସଙ୍କଟ ଘନେଇବାରେ ଲାଗିଛି। ଜଙ୍ଗଲରୁ ମୂଲ୍ୟବାନ ବୃକ୍ଷଲତା ଲୋପ ପାଇବାକୁ ବସିଛି। ଜୟଗୁରୁଙ୍କ ଉଦ୍ୟମରେ ପ୍ରସ୍ତୁତ ବଗିଚା ଆଗାମୀ ଦିନରେ ପାଠପଢୁଆ ପିଲାଙ୍କ ଅଧୟନରେ କାମରେ ଆସିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।



"ଔଷଧୀୟ ବଗିଚାଟିଏ କରିବାକୁ ପିଲାଦିନରୁ ସ୍ୱପ୍ନ ଥିଲା। ଏଥିଲାଗି ବିଭିନ୍ନ ବହିରୁ ତଥ୍ୟ ସଂଗ୍ରହ କରିଥିଲି। ଜଳନଷ୍ଟ ଏଡ଼ାଇବାକୁ ସାଲାଇନ ପାଇପ୍ ଜରିଆରେ ବୁନ୍ଦା ପାଣି ବ୍ୟବସ୍ଥା କରିଛି। ଏଥିରେ ଅଳ୍ପ ପାଣି ଖର୍ଚ୍ଚ ହେଉଛି। ସରକାରୀସ୍ତରରେ ଉଦ୍ୟମ ହେଲେ ଏଭଳି ଉଦ୍ୟାନ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଆନ୍ତା।

-ଜୟଗୁରୁ ପାତ୍ର, ଯୁବ ସାମାଜିକ କର୍ମୀ



### ଯୁବପିଢ଼ି ଚାହିଁଲେ ଗୁରୁତ୍ୱ ବଢ଼ିବ



ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଏକମାତ୍ର ବିକଳ୍ପ। ଘରବାଡ଼ିରେ ଔଷଧୀୟ ଗଛ ଲଗାଇଲେ ଆବଶ୍ୟକ ସମୟରେ କାମରେ ଆସିବ। ଯୁବପିଢ଼ି ଚାହିଁଲେ ଏଭଳି ଔଷଧୀୟ ବଗିଚାର ଗୁରୁତ୍ୱ ବଢ଼ିବ। ସରକାରୀସ୍ତରରେ ମଧ ଏଥିଲାଗି ପ୍ରୋତ୍ସାହନ ମିଳୁଛି। ଅବସର ସମୟର ସଦ୍‌ବିନିଯୋଗ କରିବାର ଏହା ଭଲ ବିକଳ୍ପ।

–ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଢେଙ୍କାନାଳ ଜିଲା କୃଷି ବିଜ୍ଞାନ କେନ୍ଦ୍ର

### ଆଗ୍ରହୀଙ୍କୁ ସହଯୋଗ କରାଯିବ



ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାଗଣା ଚାରା ଯୋଗାଇ ଦିଆଯାଉଛି। ଏଥିପ୍ରତି ସମସ୍ତେ ଅଧିକରୁ ଅଧିକ ସଚେତନ ହେବାକୁ ପଡ଼ିବ। ସାମାନ୍ୟ ଯତ୍ନନେଲେ ସୁନ୍ଦର ଔଷଧୀୟ ବଗିଚାଟିଏ ହୋଇପାରିବ। ଏହାର ସୁଫଳ ନିଶ୍ଚୟ ମିଳିବ। ଆଗ୍ରହୀ ବ୍ୟକ୍ତିଙ୍କୁ ସମସ୍ତ ସହଯୋଗ କରାଯିବ।

–ମନୋରଞ୍ଜନ ମହାନ୍ତି, ପରିବେଶ ବିଜ୍ଞାନୀ

### ବିଲୁପ୍ତପ୍ରାୟ ଗଛକୁ ମିଳିବ ସୁରକ୍ଷା



ଅଳ୍ପ ଜମିରେ ଗୋଟିଏ ସୁନ୍ଦର ଔଷଧୀୟ ବଗିଚା କରାଯାଇ ପାରିବ। ସଘନ ପ୍ରଣାଳୀରେ ଅନ୍ୟ ଫୁଲ, ଫଳ ଚାଷ ମଧ ହୋଇପାରିବ। ବିଲୁପ୍ତ ହୋଇଯାଉଥିବା ଔଷଧୀୟ ଓ ଫଳ ଗଛଗୁଡ଼ିକୁ ସୁରକ୍ଷା ଦିଆଯାଇପାରିବ। ସ୍କୁଲ କଲେଜର ପିଲାମାନେ ଏହାକୁ ଦେଖି ଜ୍ଞାନ ଆହରଣ କରିବାର ସୁଯୋଗ ପାଇପାରିବେ। ଏଭଳି ବଗିଚା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ।

–ବୈଜ୍ଞାନିକ ଦିବ୍ୟସୁନ୍ଦର କର, ଉଦ୍ୟାନ ବିଭାଗ

